ADFACTORS PR
Knowledge-driven communications

| | | | |
|---|---|---|---|
| Published Date: | 9 Sep 2018 | Publication: | Suryaprabha (Oriya) |
| Edition: | Bhubaneshwar | Page No: | 6 |
| MAV/CCM: | 92232/38.43 | Circulation: | 163000 |

# ଚିରଞ୍ଜିବୀ ଓ ବେଦାଂଶ ଟିସିଏସ୍ ଆଇଟି ୱିଜ୍ ଭୁବନେଶ୍ୱର ସଂସ୍କରଣର ବିଜେତା



॥ ପ୍ରଭାନ୍ୟୁଜ ॥ ଭୁବନେଶ୍ୱର,୮।୯: ଅଗ୍ରଣୀ ଆଇଟି ସେବା, କନ୍‌ସଲ୍‌ଟିଂ ଓ ବ୍ୟବସାୟ ସମାଧାନ ପ୍ରଦାନକାରୀ ଟାଟା କନ୍‌ସଲଟାନ୍ସି ସର୍ଭିସେସ୍ ପକ୍ଷରୁ ଭାରତର ସର୍ବବୃହତ ଆନ୍ତଃ ବିଦ୍ୟାଳୟ କୁଇଜ୍-ଟିସିଏସ୍ ଆଇଟି ୱିଜ୍‌କୁ ସେପ୍ଟେମ୍ବର ୭, ଶୁକ୍ରବାର୍, ଭୁବନେଶ୍ୱରସ୍ଥିତ ଜୟଦେବ ବିହାରର ପାଲ୍ ହାଇଟସ୍‌ଠାରେ ଆୟୋଜିତ ହୋଇଯାଇଛି । ଯେଉଁଥିରେ ଭୁବନେଶ୍ୱରର ୧୦୦୦ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଛନ୍ତି । ଟିସିଏସ୍ ଆଇଟି ୱିଜ୍‌ରେ ଭାଗ ନେବା ପାଇଁ ପୁରୀ, କଟକ, ପାରାଦୀପ, ରାଉରକେଲା, ଝାରସୁଗୁଡ଼ା, ଦାମନଯୋଡ଼ି, ଯାଜପୁର, ଗଂଜାମ ଓ ଜାମସେଦପୁର ଭଳି ବାହାର ସ୍ଥାନର ବିଦ୍ୟାଳୟର ଟିମ୍ ଭୁବନେଶ୍ୱର ଆସିଥିଲେ ।

ଆଂଚଳିକ ଫାଇନାଲ୍‌ରେ ପାଂଚ ପର୍ଯ୍ୟାୟ କୁଇଜ୍ ପରେ ବେଲପାହାଡ ଇଂରାଜୀ ବିଦ୍ୟାଳୟର ଚିରଞ୍ଜିବି ପ୍ରଧାନ ଓ ବେଦାଂଶ ପ୍ରଧାନ ଟାଇଟଲ୍ ବିଜୟୀ ହୋଇଛନ୍ତି । ଚଳିତ ବର୍ଷର ଆଂଚଳିକ ଫାଇନାଲ୍ ବିଜେତାଙ୍କୁ ୬୦,୦୦୦ ଟଙ୍କାର ଗିଫ୍‌ଟ ଭାଉଚର୍ ପ୍ରଦାନ କରାଯାଇଥିବାବେଳେ ରନର୍ସ ଅପ୍ ଭାବେ ସ୍ୱସ୍ତିକ ଦାସ ଓ ପ୍ରିୟାଂଶୁ ମିଶ୍ର, ସାଇ ଇଣ୍ଟରନେସନାଲ ବିଦ୍ୟାଳୟ, ପଟିଆ, ୪୦,୦୦୦ ଟଙ୍କାର ଗିଫ୍‌ଟ ଭାଉଚର୍ ପୁରସ୍କାର ପାଇଛନ୍ତି । ସ୍ୱତନ୍ତ୍ର ଭାବେ ଡିଜାଇନ୍ କରାଯାଇଥିବା ଟ୍ରଫି ଓ ମେଡାଲ୍ ଉଭୟ ଦଳର ବିଜେତାଙ୍କୁ ପ୍ରଦାନ କରାଯାଇଛି । ୬ ଫାଇନାଲିଷ୍ଟଙ୍କୁ ବିଭିନ୍ନ ପ୍ରକାର ପୁରସ୍କାର ଯଥା ଜିମ୍ ବ୍ୟାଗ୍, ମଲ୍‌ଟି ଫଙ୍କସନ୍ ମ୍ୟୁଜିକ୍ ଟର୍ଚ ସହିତ ବ୍ଲୁ ଟୁଥ୍ ସ୍ପିକର୍ ଓ ୱାୟାରଲେସ୍ ଆଉଟ୍‌ଡୋର୍ ସ୍ପିକର୍ ସହିତ ଟିସିଏସ୍ ୫୦ ପେନ୍ ଡ୍ରାଇଭ୍ ଟିସିଏସ୍ ପକ୍ଷରୁ ପ୍ରଦାନ କରାଯାଇଛି । ବିଜେତାମାନେ ଜାତୀୟ ଫାଇନାଲ୍‌ରେ ସାରା ଭାରତର ଅନ୍ୟ ୧୧ଟି ଆଂଚଳିକ ଚାମ୍ପିଆନ୍ ସହିତ ଭୁବନେଶ୍ୱରର ପ୍ରତିନିଧିତ୍ୱ କରିବେ । ସମ୍ମାନିତ ଅତିଥି ମାନସ ରଞ୍ଜନ ପଣ୍ଡା, ନିର୍ଦ୍ଦେଶକ-ସଫ୍‌ଟ୍‌ୱେୟାର ଟେକ୍‌ନୋଲୋଜି ପାର୍କ ଅଫ ଇଣ୍ଡିଆ (ଏସ୍‌ଟିପିଆଇ), ଭୁବନେଶ୍ୱର ଓ ମନୋଜ କୁମାର ପଣ୍ଡା, ଟିସିଏସ୍ ସେଂଟର୍ ମୁଖ୍ୟ, ଓଡ଼ିଶା ଓ ଦାମୋଦର ପାଢ଼ୀ, ଉପସଭାପତି ଓ ଗ୍ଲୋବାଲ୍ ହେଡ୍ ଟ୍ୟାଲେଂଟ୍ ଡେଭେଲପ୍‌ମେଂଟ୍-ଟିସିଏସ୍ ପୁରସ୍କାର ଗୁଡ଼ିକୁ ପ୍ରଦାନ କରିଛନ୍ତି । ସାରା ଭାରତର ୧୨ଟି ସହର-ଅହମ୍ମଦାବାଦ, ବେଙ୍ଗାଲୁରୁ, ଚେନ୍ନାଇ, ହାଇଦ୍ରାବାଦ, କୋଲକାତା, ଇନ୍ଦୋର, ନାଗପୁର, ଭୁବନେଶ୍ୱର, କୋଚି, ଦିଲ୍ଲୀ, ମୁମ୍ବାଇ ଓ ପୁନେରେ ଟିସିଏସ୍ ଆଇଟି ୱିଜ୍ ୨୦୧୮ ଆୟୋଜନ କରାଯାଇଛି । ଟିସିଏସ୍ ଆଇଟି ୱିଜ୍‌ର ଫର୍ମାଟ: ଟିସିଏସ୍ ବିଜନେସ୍ ୪.୦ ଫ୍ରେମ୍‌ୱର୍କ ଉପରେ ପର୍ଯ୍ୟବେସିତ ଏହି ଫର୍ମାଟରେ ପାଞ୍ଚ ପର୍ଯ୍ୟାୟ ରହିଛି ଯାହାକୁ ଆନିମେସନ୍ ଭିତିକ କୁଇଜ୍ ସଫ୍‌ଟୱେୟାର୍‌ରେ ପ୍ରସ୍ତୁତ କରାଯାଇଛି । ଏହି କୁଇଜ୍ ପ୍ରଫେସନାଲ୍ ସର୍କିଟ୍ ବଜର୍ ଭିତିକ ହେବ ଯାହା ପ୍ରତିଟି ଟିମ୍‌କୁ ଉତର ଦେବା ପାଇଁ ସମାନ ସୁଯୋଗ ପ୍ରଦାନ କରିବ ।